**କେନ୍ଦ୍ର ବଜେଟ କୃଷକ ବିରୋଧୀ**

ଖଇରା,(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଶାଖା ସିପିଏମ ଆଞ୍ଚଳିକ କମିଟି ପକ୍ଷରୁ ବୁଧବାର ବୈଠକରେ ବିରୋଧ କରାଯାଇଛି। ପ୍ରଶାନ୍ତ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ବୈଠକରେ ରାଜ୍ୟ କମିଟି ସଦସ୍ୟ ସୀତାଂଶୁ ସେନାପତି, ଜିଲା କୃଷକ ମୋର୍ଚ୍ଚା ସଭାପତି ଜଗତାନନ୍ଦ ମହାପାତ୍ର, ଆଞ୍ଚଳିକ କମିଟି ସମ୍ପାଦକ ମୁରଲୀଧର ବାରିକ, ଭଗବାନ ଦାସ, ବସନ୍ତ ମାଝି ଓ ଉତ୍ତମ ଦାସ ପ୍ରମୁଖ ଯୋଗଦେଇ ଚଳିତବର୍ଷ କେନ୍ଦ୍ର ବଜେଟକୁ ବିଭିନ୍ନ ଦୃଷ୍ଟିକୋଣରୁ ସମାଲୋଚନା କରି ଏହି ବଜେଟ କୃଷକ ବିରୋଧୀ ବୋଲି କହିଥିଲେ।

**ବାଲେଶ୍ୱର**

# ‘ବିକଶିତ ଭାରତ ଗଠନ ଦିଗରେ ଗଣମାଧ୍ୟମର ଭୂମିକା’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର

**ବାଲେଶ୍ୱର, ୬।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଗୁରୁବାର ‘ବିକଶିତ ଭାରତ ଗଠନ ଦିଗରେ ଗଣମାଧ୍ୟମର ଭୂମିକା’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। ଇଣ୍ଟରନ୍ୟାଶନାଲ କାଉନସିଲ ଅଫ ସୋସିଆଲ ସାଇନ୍ସ ରିସର୍ଚ୍ଚ ଏବଂ ୟୁନିସେଫର ମିଳିତ ସହଯୋଗରେ ଆୟୋଜିତ ଆଲୋଚନାଚକ୍ରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ‘ବିକଶିତ ଭାରତ-୨୦୪୭’ ଗଠନ ପ୍ରତି ସମସ୍ତଙ୍କର ଅବଦାନ ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ଦାସ ଯୋଗଦେଇ ଗଣତନ୍ତ୍ରରେ ‘ବିକଶିତ’ ଶବ୍ଦର ବ୍ୟବହାର, ଏହାର ଦିଗ ଓ ଉପନିବେଶବାଦ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ରାଜସ୍ଥାନ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ସଞ୍ଜୀବ ଭାନାୱତ, ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଓ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟର ପ୍ରଫେସର ପୀତବାସ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ପରିଲକ୍ଷିତ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ, ‘ବିକଶିତ ଭାରତ’ ଗଠନକୁ କେନ୍ଦ୍ର କରି ଭାରତୀୟ ଅର୍ଥନୈତିକ, ସାମାଜିକ ଓ ବିକାଶମୂଳକ ପରିବର୍ତ୍ତନ ଆଦି ବିଭିନ୍ନ ସଂଯୋଜିତ ବିଷୟବସ୍ତୁଗୁଡ଼ିକୁ ଆଲୋକପାତ କରିଥିଲେ। ଆୟୋଜିତ ୬ଟି ବୈଷୟିକ ଅଧିବେଶନରେ ‘ବିକଶିତ ଭାରତ’ ଗଠନ ଦିଗରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ସାମ୍ବାଦିକତା ବିଭାଗୀୟ ମୁଖ୍ୟ ତଥା ଆଲୋଚନଚକ୍ରର ଆବାହକ ପ୍ରଫେସର ଭାରତୀବାଳା ପଟ୍ଟନାୟକ ଆଲୋଚନାଚକ୍ରର ମୁଖ୍ୟ ପ୍ରସଙ୍ଗ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର, ରେସିଡେଣ୍ଟ ଏଡ଼ିଟର (ଭୁବନେଶ୍ୱର) ଶିବ ମହାନ୍ତି ଓ ଟାଇମସ୍ ଅଫ ଇଣ୍ଡିଆର ଚିଫ ଅଫ୍ ବ୍ୟୁରୋ (ଭୁବନେଶ୍ୱର) ଅଶୋକ ପ୍ରଧାନଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ ପୂର୍ବକ କୁଳପତି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଆଧାରରେ ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନ ପାଇଁ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଗବେଷକ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ନାମ ପଞ୍ଜିକରଣ କରିଛନ୍ତି। କାର୍ଯ୍ୟକ୍ରମକୁ ଡ. ସ୍ମିତି ପାଢ଼ୀ ସଞ୍ଚାଳନ କରିଥିଲେ। ଡ. ଅଶେଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

**ନୀଳଗିରି, ୬।୨(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ଗୋପୀନାଥପୁର ସରକାରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ମାଟିଆଳି କ୍ଲଷ୍ଟର ସିଆର୍‌ସିସି ରୂପକ କୁମାର ପଶା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ମେଳାରେ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ନୀଳଗିରି ବିଡିଓ ବିକ୍ରମକେଶରୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ପ୍ରାକ୍ ବିଦ୍ୟାଳୟ ଓ ପ୍ରଥମରୁ ତୃତୀୟଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ତୃତୀୟଶ୍ରେଣୀ ଶେଷବେଳକୁ ମୌଳିକ ସାକ୍ଷରତା ସହ ପଢ଼ିବା, ଲେଖିବା, ସଂଖ୍ୟାଜ୍ଞାନ ପାଇଁ ଆବଶ୍ୟକ ଶିକ୍ଷଣ ଦକ୍ଷତା ହାସଲ କରିବା ଲକ୍ଷ୍ୟ ରଖାଯାଇଛି। ନିପୁଣ ଓଡ଼ିଶା ମେଳା ମାଧ୍ୟମରେ ମୌଳିକ ସାକ୍ଷରତା ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ ଓଡ଼ିଶା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଅତିଥିଙ୍କ ମଧ୍ୟରେ ଏବିଇଓ ଶାନ୍ତିଲତା ମହାନ୍ତି, ଲମ୍ବୋଦର ସିଂ, ବିଆରସିସି ମିହିର କୁମାର ଦାସ, ବରିଷ୍ଠ ପ୍ରଶିକ୍ଷକ ଦୀପ୍ତିବର୍ଣ୍ଣା ଶିଅଳ, କାଉନସିଲର ଗୀତାଞ୍ଜଳି ପ୍ରଧାନ, ଭାରପ୍ରାପ୍ତ ଏନଏସି ଅଧ୍ୟକ୍ଷ ମହେନ୍ଦ୍ରନାଥ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ଅନାଦି ଚରଣ ବେହେରା, ଗୋପୀନାଥପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ସୋର, ୬।୨(ଜନ୍ମେଜୟ ମିଶ୍ର): ସୋର ଥାନା ଅନନ୍ତପୁର ରାସ୍ତା ଅଇଁରୀ ଛକ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ଅନନ୍ତପୁର ପଞ୍ଚାୟତ ଅଇଁରୀ ଗ୍ରାମର ଦିଲୀପ କୁମାର ବିଶ୍ୱାଳ ଦାଣ୍ଡପଳସା ପ୍ରାଥମିକ ଚିକିତ୍ସାଳୟରେ ସୁରକ୍ଷା କର୍ମୀ ଭାବେ କାମ କରନ୍ତି। ଗୁରବାର ସେ ତାଙ୍କ ବନ୍ଧୁ ସୁରେଶ ପାତ୍ର ବାଇକ୍ ଯୋଗେ ଅନନ୍ତପୁରରୁ ଅଇଁରୀ ଅଭିମୁଖେ ଆସୁଥିବା ବେଳେ ଅଇଁରୀ ଛକରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଦିଲୀପ ଓ ତାଙ୍କ ବନ୍ଧୁ ସୁରେଶ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସୁରେଶଙ୍କୁ ଅନନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଦିଲୀପଙ୍କୁ ଅନନ୍ତପୁର ଫାଣ୍ଡି ପୋଲିସ ଥାନା ଗାଡ଼ିରେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଦିଲୀପଙ୍କର ଦୁଇଟି ଗୋଡ ଭାଙ୍ଗିବା ସହିତ ଶରୀରରେ କ୍ଷତ ସୃଷ୍ଟି ହୋଇଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଶୃଙ୍ଖଳା, କଠିନ ପରିଶ୍ରମ ବିଦ୍ୟାର୍ଥୀଙ୍କୁ ଶୀର୍ଷରେ ପହଞ୍ଚାଏ

**ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ସମାରୋହ**

**ବାଲେଶ୍ୱର, ୬।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୂରୀସ୍ଥିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ୧୪ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଉପାଧ୍ୟକ୍ଷ ପ୍ରଫେସର ଡ. ରାଖାଲ ଚନ୍ଦ୍ର ଘଡ଼େଇ, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା କୁଳମଣି ବାରିକ ଯୋଗଦେଇ ଶୃଙ୍ଖଳା ଓ କଠିନ ପରିଶ୍ରମ ବଳରେ ବିଦ୍ୟାର୍ଥୀମାନେ ଶୀର୍ଷରେ ପହଞ୍ଚିଥାନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଅନୁଷ୍ଠାନ ଉପସଭାପତି କବି ଶ୍ରୀଦେବ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଇଂ. ନନ୍ଦଦୁଲାଲ ଘଡ଼ାଇ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ସ୍କୁଲ୍ ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ପ୍ରାକ୍ ସୂଚନା, ସମ୍ପାଦିକା ଜୟନ୍ତୀ ଦେବୀ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ଉପାଧ୍ୟକ୍ଷ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜ୍ଞାନପ୍ରକାଶ ପାଣିଗ୍ରାହୀ, ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ରଜତ ଦାସଅଧିକାରୀ, ଶିକ୍ଷୟିତ୍ରୀ ପ୍ରଣିତା ଅଗସ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଭୋଗରାଇ ଉତ୍ସବ ଉଦ୍‌ଘାଟିତ: ୧୦ଦିନ ଦୁଲୁକିବ

**ଭୋଗରାଇ, ୬।୨( ପ୍ରଦୀପ ଦାସ)**

ଭୋଗରାଇ ଉତ୍ସବ ଥାନା ଛକ ହେଲିପ୍ୟାଡ ପଡିଆରେ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଛି। ଉତ୍ସବକୁ ଉଦ୍‌ଘାଟନ କରି ଓଡିଶା ଖଣି ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ବେହେରା ଯୋଗଦେଇଥିଲେ। ଉତ୍ସବ କମିଟି ଉପସଭାପତି ପ୍ରମଥ କୁମାର ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବ କମିଟି ସଦସ୍ୟ ବ୍ୟଙ୍ଗକବି ଡ଼ଃ ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ କରିଥିଲେ। ପଣ୍ଡିତ ଭୃଗୁରାମ କର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କମିଟି ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି, ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମାଜିକ କର୍ମୀ ହରେନ୍ଦ୍ର ଦାସ, ସମ୍ମାନିତ ବକ୍ତା ଭାବେ କମିଟିର ଉପସଭାପତି ରାଜକୁମାର ଦାସ, ସଞ୍ଜୀବ କୁମାର ସାହୁ ସାରଗର୍ଭକ ମତ ରଖିଥିଲେ। ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପଙ୍କଜାକ୍ଷ ପଣ୍ଡା, ସମ୍ପାଦକ ସୁନୀଲ କୁମାର କର, ଦୀପେଶ ଚନ୍ଦ୍ର ରାୟ, ସନ୍ତୋଷ କୁମାର ଜେନା, ପରିମଳ ମହାନ୍ତି, ରଘୁନାଥ ମହାନ୍ତି, ରମାକାନ୍ତ କରଣ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ବାଲିଆପାଳ ମହୋତ୍ସବ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୬।୨: ବାଲିଆପାଳ ମହୋତ୍ସବ ଫେବୃୟାରୀ ୭ତାରିଖଠାରୁ ଆରମ୍ଭ ହୋଇ ୧୬ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗୁରୁବାର ମହୋତ୍ସବ ପଡିଆରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କମିଟି ଆବାହକ ସୁଶାନ୍ତ ଚକ୍ରବର୍ତ୍ତୀ କହିଛନ୍ତି। ମହୋତ୍ସବ କାର୍ଯ୍ୟକ୍ରମ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିସାରିଛି। ମହୋତ୍ସବରେ ସରକାରଙ୍କ ସହଯୋଗରେ ୬ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ କମିଟି ପକ୍ଷରୁ ଆଞ୍ଚଳିକ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯିବାର ସିଦ୍ଧାନ୍ତ ନିଆଯାଇଛି। ଖବରଦାତା ସମ୍ମିଳନୀରେ କମିଟି ସଦସ୍ୟ ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ମୂରଲୀମୋହନ ସାହୁଙ୍କ ସହିତ କମିଟି ସଦସ୍ୟ ମୁକୁନ୍ଦ ସିଂ, ଜଗନ୍ନାଥ ବାରିକ, ଅରୁଣ ପାତ୍ର, ଅସିତ୍ ପଟ୍ଟନାୟକ, ଅନନ୍ତ ବିଶ୍ୱାଳ, ନରେଶ ସାହୁ, ପ୍ରବୀର କୁମାର ସି, ଇନ୍ତାଜ ଶାହା, ବ୍ୟୋମକେଶ ସାହୁ ପ୍ରମୁଖ ମତ ରଖିଥିଲେ।

# ଭଲ ପାଇବା ଭିତରେ ଈଶ୍ୱରଙ୍କୁ ଉପଲବ୍ଧି କରିହେବ


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ସଂସ୍କୃତ ମହାବିଦ୍ୟାଳୟର ୩୩ତମ ବାର୍ଷିକୋତ୍ସବ**

**ଖଇରା, ୬।୨(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟର ୩୩ତମ ବାର୍ଷିକୋତ୍ସବ ଗୁରୁବାର ସଭା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ସଭାପତି ଗୋଲକ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଥମେ ମଣିଷ ମଣିଷକୁ ଭଲପାଇବା ଦରକାର । ଏହି ଭଲପାଇବା ଭିତରେ ଈଶ୍ୱରଙ୍କୁ ଉପଲବ୍ଧି କରାଯାଇପାରିବ ବୋଲି ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ହରିହର ପାଣିଗ୍ରାହୀ ସମ୍ମାନିତ ବକ୍ତା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଅଧ୍ୟାପକ କର୍ମଚାରୀ ସଂଘ ଜିଲା ସଭାପତି ଗଜେନ୍ଦ୍ର ପ୍ରସାଦ ନାୟକ ଓ ସମ୍ପାଦକ ଜୟନ୍ତ କୁମାର ସେଠୀ, ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି, ପ୍ରାକ୍ତନ ଅଧ୍ୟକ୍ଷ ବୁଦ୍ଧିରାମ ପାଣିଗ୍ରାହୀ, ସରପଞ୍ଚ ପ୍ରଣତିବାଳା ମାଝି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଉମାକାନ୍ତ ନାୟକ ଅତିଥି ପରିଚୟ, ଅଧ୍ୟାପକ ନିରଞ୍ଜନ ନାୟକ ବିବରଣୀ ପାଠ, ଅଧ୍ୟାପକ ଯାଜ୍ଞବଲ୍ଲଭ ପଣ୍ଡା ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।






## ସଂକ୍ଷେପରେ

### ଭସାଣି ବେଳେ ଦୁର୍ଘଟଣା ଡିଜେ ଗାଡ଼ି ଚକା ତଳେ ଅପରେଟରଙ୍କ ଜୀବନ ଗଲା

ତିହିଡ଼ି, ୬।୨(ସଞ୍ଜିତ ବଳ)

ସରସ୍ୱତୀ ମେଢ଼ ଭସାଣି ବେଳେ ଡିଜେଗାଡ଼ିରୁ ତଳକୁ ଖସିପଡ଼ିଲେ ଅପରେଟର। ଫଳରେ ତାଙ୍କ ଉପରେ ଗାଡ଼ି ଚକା ଚଢ଼ିଯିବାରୁ ଅପରେଟରଙ୍କ ଜୀବନ ଯାଇଛି। ମୃତକଙ୍କ ନାଁ ସିଦ୍ଧାନ୍ତ କୁମାର ଗୁପ୍ତା(୨୨) ଏବଂ ତାଙ୍କ ଘର ଭଦ୍ରକ ଟାଉନ ଥାନା ଅଧୀନ ବଙ୍କସାହି ଗ୍ରାମରେ। ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଦୌଲତପୁର ପଞ୍ଚାୟତର ମାଲପୁର ଗ୍ରାମରେ ବୁଧବାର ରାତି ୧ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମାଲପୁର ଗ୍ରାମରେ ସରସ୍ୱତୀ ମେଢ଼ ଭସାଣି ଶୋଭାଯାତ୍ରା ହେଉଥିଲା। ଶୋଭାଯାତ୍ରାରେ ସାମିଲ ଥିବା ଡିଜେ ଅପରେଟର ସିଦ୍ଧାନ୍ତ କୌଣସି କାରଣରୁ ତଳକୁ ଖସିପଡ଼ିଥିଲେ। ପରେ ତାଙ୍କ ଉପରେ ଡିଜେ ଗାଡ଼ି ଚକା ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନଦୀରେ ବୁଡ଼ି ବାଳିକା ମୃତ

ଧୁଷୁରୀ,୬।୨(ଦୀପ୍ତିରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ ପଙ୍ଗଟା ଗ୍ରାମର ଶକ୍ତିମୟୀ ଦାସ(୮) କୋଚିଲା ନଦୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶକ୍ତିମୟୀ ବୁଧବାର ଅପରାହ୍ନ ୫ଟାରେ କିଛି ଅଦରକାରୀ କାଗଜ ନଦୀକୁ ପକାଇବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧୁଷୁରୀ ଏରିଆ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ୧୦ରୁ ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଧାମନଗର,୬।୨(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୦ ତାରିଖରୁ ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ମୋଟ ୮ ଟିମ୍ ଏଥିରେ ଭାଗନେବେ। ୧୬ ତାରିଖରେ ଫାଇନାଲ ମ୍ୟାଚ୍ ହୋଇ ଉଦ୍‌ଯାପିତ ହେବ। ୧୦ରେ ଇଲେଭେନ ଷ୍ଟାର କ୍ରିକେଟ ଟିମ୍ ଯାଜପୁର ସହ ଇଷ୍ଟକୋଷ୍ଟ ରେଲୱେ ଟିମ୍ ଭଦ୍ରକ, ୧୧ରେ ଆଦର୍ଶ କ୍ଲବ ବାଲେଶ୍ୱର ସହ ୟୁନିୟନ ସ୍ପୋର୍ଟିଂ କଟକ ଏବଂ ୧୨ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହେବ। ୧୩ ତାରିଖରେ ବାପୁଜୀ କ୍ରିକେଟ ଟିମ୍ ଭୁବନେଶ୍ୱର ଓ ଜିସିସି କ୍ରିକେଟ ଟିମ୍ କେନ୍ଦ୍ରାପଡ଼ା ଇନ୍ଦୁପୁର, ୧୪ରେ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡ ଓ ବିଜୟ ନଗରମ ୱାରିୟର୍ସ ଭାଇଜାକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୧୫ ତାରିଖରେ ଦ୍ୱିତୀୟ ସେମିଫାଇନାଲ ହୋଇ ୧୬ ତାରିଖରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ଯାତ୍ରା କଳାକାରଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ସାବରଙ୍ଗ,୬।୨(କାଳୀପଦ ରାୟ)

ବାସୁଦେବପୁର ଭୈରବପୁର ନିକଟରେ ଗୁରୁବାର ସକାଳ ୮ଟାରେ କୁହୁଡ଼ି ଯୋଗୁ ଯାତ୍ରା କଳାକାରଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। କଳାକାରମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଯାତ୍ରା କଣ୍ଠଶିଳ୍ପୀ ମାନସ କୁମାର ଓ ୩ଜଣ ନୃତ୍ୟଶିଳ୍ପୀ ଏକ କାର୍‌ରେ ଯାଉଥିବା ବେଳେ କୁହୁଡ଼ି ଯୋଗୁ ଉକ୍ତ ସ୍ଥାନରେ ପୋଲ ବାଡ଼ାରେ ଗାଡ଼ି ଧକ୍କା ହୋଇଥିଲା। ଦୁର୍ଘଟଣାରେ କାର୍ ଓ ପୋଲ ବାଡ଼ା ଭାଙ୍ଗି ଯାଇଥିବା ବେଳେ ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। କେନ୍ଦ୍ରାପଡ଼ାରୁ ଯାତ୍ରା ସାରି ବାଲେଶ୍ୱର ଜିଲା ସୋରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ଶୃଙ୍ଖଳା, ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ

## ଆଖଣ୍ଡଳମଣି ପୀଠରେ ମହାଶିବରାତ୍ରି ପ୍ରସ୍ତୁତି


ବୈଠକରେ ଉପସ୍ଥିତ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

ଧୁଷୁରୀ,୬।୨(ଦୀପ୍ତିରଞ୍ଜନ ନାୟକ)

ଆସନ୍ତା ୨୬ ତାରିଖରେ ମହାଶିବରାତ୍ରି। ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ପୀଠରେ ହେବାକୁ ଥିବା ଏହି ଉତ୍ସବରେ ଶୃଙ୍ଖଳା, ସୁରକ୍ଷା ବ୍ୟବସ୍ଥା ପାଇଁ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଅତିଥି ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି। ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ମହାଶିବରାତ୍ରିରେ ଦିଅଁ ଦର୍ଶନ, ନୂତନ ପଦ୍ଧତିରେ ବ୍ୟାରିକେଡ୍ ବ୍ୟବସ୍ଥା, ପୀଠରେ ବିଦ୍ୟୁତ୍ ସରବରାହ, ଗାଡ଼ି ପାର୍କିଂ, ଡ୍ରେନ୍ ସଫେଇ, ପାନୀୟଜଳ ଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ନଦୀଘାଟରେ ସୁରକ୍ଷା ବ୍ୟବସ୍ଥା ସହ ପୀଠରେ ଶାନ୍ତିଶୃଙ୍ଖଳା ଉପରେ ଆଲୋଚନା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପୀଠ ଆଲୋକୀକରଣ ଓ ପୀଠ ସନ୍ନିକଟ ରାସ୍ତା ମରାମତି କାର୍ଯ୍ୟ ମହାଶିବରାତ୍ରି ପୂର୍ବରୁ ସାରିବା ନେଇ ଆଲୋଚନା କରାଯାଇଛି। ଟ୍ରଷ୍ଟ ସଭ୍ୟ ସରୋଜ ଦାସ, ପୂର୍ବତନ ଟ୍ରଷ୍ଟ ସଭ୍ୟ ଦେବଦତ୍ତ ପାଢ଼ୀ, ଜୀବନାନନ୍ଦ ପାଢ଼ୀ, ବରିଷ୍ଠ ସେବାୟତ ବିଜୟ କୁମାର ଦାଶ, ଆଶିଷ ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ, ପୂର୍ବତନ ସରପଞ୍ଚ ଅରବିନ୍ଦ ପାଢ଼ୀ, ଲଲାଟ କିଶୋର ପାଢ଼ୀ, ମାନସ ପାଢ଼ୀ, ରାଧାକାନ୍ତ ପାଢ଼ୀ, ତ୍ରିଲୋଚନ ପଣ୍ଡା, ଧୁଷୁରୀ ଥାନାଧିକାରୀ ଶାନ୍ତନୁ କୁମାର ଜେନା, ଆରଡ଼ି ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତିଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ରହି ଜାଗର ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ପୋଷ୍ୟସନ୍ତାନ ଗ୍ରହଣ କଲେ କୋଲକାତାର ଦମ୍ପତି

ଭଦ୍ରକ,୬।୨(ସନାତନ ରାଉତ)

ଭଦ୍ରକ ବାତ୍ସଲ୍ୟ ଅନୁଷ୍ଠାନରେ ରହୁଥିବା ଜଣେ ଶିଶୁକନ୍ୟାଙ୍କୁ କୋଲକାତାର ଏକ ଦମ୍ପତି ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଉକ୍ତ ଦମ୍ପତି ବୁଧବାର ଅପରାହ୍ନରେ ପହଞ୍ଚି ଜିଲାପାଳ ଦିଲୀପ ରାଉତରାଏଙ୍କ ନିକଟରୁ ୭ମାସର ଶିଶୁକନ୍ୟାଙ୍କୁ ଗ୍ରହଣ କରିଥିଲେ। କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ମାଧ୍ୟମରେ ଉକ୍ତ ଦମ୍ପତି ପୋଷ୍ୟସନ୍ତାନ ଗ୍ରହଣ ନିମନ୍ତେ ଅନ୍‌ଲାଇନ୍ ଜରିଆରେ ଆବେଦନ କରିଥିଲେ। ୪ ବର୍ଷ ପରେ ପୋଷ୍ୟସନ୍ତାନ ଗ୍ରହଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ଅବସରରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ବାତ୍ସଲ୍ୟର ସମ୍ପାଦିକା ନମିତା ବଳ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କଠାରୁ ଶିଶୁକନ୍ୟାଙ୍କୁ ଗ୍ରହଣ କରୁଛନ୍ତି ଦମ୍ପତି।

## କଟସାହି ସମବାୟ ସମିତିରେ ଅନିୟମିତତା ଘଟଣା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ଅସୁରାଳି,୬।୨(ସନ୍ତୋଷ ପ୍ରଧାନ)

ଧାନକିଣାରେ ଅନିୟମିତତା ନେଇ ଧାମନଗର ବ୍ଲକର କଟସାହି ସମବାୟ ସମିତି ସମ୍ପାଦକଙ୍କୁ ମଣ୍ଡି ଦାୟିତ୍ୱରୁ ହଟାଇ ଦିଆଯାଇଛି। ଭାଜପା ପକ୍ଷରୁ ବୁଧବାର ସନ୍ଧ୍ୟା ୬ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ ସମ୍ପାଦକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଶହୀଦନଗରଠାରେ ରମେଶ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆହୂତ ସମ୍ମିଳନୀରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ତଥା କଟସାହି ସମିତିର ସଦସ୍ୟ ରଘୁନାଥ ଲେଙ୍କା ଦୁର୍ନୀତି ଆରୋପ ଆଣିଥିଲେ। ଏହି ସମିତିରେ କୁଇଣ୍ଟାଲ ପ୍ରତି ୮ରୁ ୯ କିଲୋ ଧାନ କାଟି ଦିଆଯାଇଛି। ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କ ଧାନ କିଣା ନ ଯାଇ ପକାଇ ରଖାଯାଇଛି। ଏହାର ପ୍ରମାଣ ଜିଲାପାଳ ନିଜେ ଅନୁଭବ କରିବା ପରେ ସମ୍ପାଦକଙ୍କୁ ଧାନକିଣା ଦାୟିତ୍ୱରୁ ଅନ୍ତର କରିଛନ୍ତି। ସମ୍ପାଦକ କ୍ରୟ କମିଟି ଏବଂ ସଦସ୍ୟଙ୍କୁ ଅନ୍ଧାରରେ ରଖି ଅନିୟମିତତା କରିଛନ୍ତି ବୋଲି ସେ କହିଥିଲେ। ଉପଯୁକ୍ତ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ପୂର୍ବତନ ସରପଞ୍ଚ ଗୟାଧର ନାୟକ, ପ୍ରଶାନ୍ତ ପତି, ରାମକୃଷ୍ଣ ତ୍ରିପାଠୀ, ଚକ୍ରଧର ବାରିକ, ଗଙ୍ଗାଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଅନ୍ତର୍ଜାତୀୟ ଟିଲୋ କପ୍

ବନ୍ତ,୬।୨(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋସ୍ଥିତ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଅନ୍ତର୍ଜାତୀୟ ଟିଲୋ କପ୍‌ର ୨୯ତମ ସଂସ୍କରଣ ଶୁକ୍ରବାର ଆରମ୍ଭ ହେବ। ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ଦେଶର ୮ ପ୍ରତିଷ୍ଠିତ ଦଳ ଅଂଶଗ୍ରହଣ କରିବେ। ସେଥିମଧ୍ୟରେ ପୁଲ୍ 'ଏ'ରେ କାନାରା ବ୍ୟାଙ୍କ, ୟୁନିୟନ ସ୍ପୋର୍ଟିଂ, ଜେପି ସ୍ପୋର୍ଟ୍ସ, ଲାଇର୍ଟନିଂ ଲିଜେଣ୍ଡସ ଏବଂ ପୁଲ 'ବି'ରେ ଇଣ୍ଡିଆନ ଅଏଲ୍, ୱଣ୍ଡର ସିମେଣ୍ଟ, ଏସ୍‌ପିଜେ କାର୍ଗୋ, ସାପିଏନ୍ସ ଆଦି ଦଳ ରହିଛି। ପୁଲ୍ 'ଏ'ର ଉଦ୍‌ଘାଟନୀ ମ୍ୟାଚ୍ ୟୁନିୟନ ସ୍ପୋର୍ଟିଂ କଟକ ଓ କାନାରା ବ୍ୟାଙ୍କ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ହେବ। ୮ରେ ଜେପି ସ୍ପୋର୍ଟ୍ସ ବନାମ ଲାଇର୍ଟନିଂ ଲିଜେଣ୍ଡସ, ୯ରେ ଜେପି ସ୍ପୋର୍ଟ୍ସ ବନାମ ୟୁନିୟନ ସ୍ପୋର୍ଟିଂ ଏବଂ କାନାରା ବ୍ୟାଙ୍କ ବନାମ ଲାଇର୍ଟନିଂ ଲିଜେଣ୍ଡସ, ୧୦ରେ ଲାଇର୍ଟନିଂ ଲିଜେଣ୍ଡସ ବନାମ ୟୁନିୟନ ସ୍ପୋର୍ଟିଂ ଏବଂ ଜେପି ସ୍ପୋର୍ଟ୍ସ ବନାମ କାନାରା ବ୍ୟାଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୧୧ ତାରିଖରେ ପୁଲ୍ 'ବି'ର ୱଣ୍ଡର ସିମେଣ୍ଟ ବନାମ ଏସ୍‌ପିଜେ କାର୍ଗୋ ଏବଂ ଇଣ୍ଡିଆନ ଅଏଲ୍ ବନାମ ସାପିଏନ୍ସ, ୧୨ରେ ଏସ୍‌ପିଜେ କାର୍ଗୋ ବନାମ ସାପିଏନ୍ସ ଏବଂ ୱଣ୍ଡର ସିମେଣ୍ଟ ବନାମ ଇଣ୍ଡିଆନ ଅଏଲ୍, ୧୩ରେ ସାପିଏନ୍ସ ବନାମ ୱଣ୍ଡର ସିମେଣ୍ଟ, ଇଣ୍ଡିଆନ ଅଏଲ୍ ଓ ଏସ୍‌ପିଜେ କାର୍ଗୋ ମଧ୍ୟରେ ମ୍ୟାଚ୍ ହେବ। ୧୪ରେ ପୁଲ୍ 'ଏ'ର ୧ମ ବନାମ ପୁଲ୍ 'ବି'ର ୨ୟ ବିଜେତା, ୧୫ରେ ପୁଲ୍ 'ବି'ର ୧ମ ବନାମ ପୁଲ୍ 'ଏ'ର ୨ୟ ବିଜେତା ମଧ୍ୟରେ ସେମିଫାଇନାଲ ରହିଛି। ୧୬ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ହେବ। ଲିଗ୍ ଫର୍ମାଟରେ ୧୫ଟି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। କ୍ରିକେଟ ପ୍ରେମୀମାନେ ଫ୍ୟାନକୋଡ୍ ଆପ୍ ମାଧ୍ୟମରେ ଲାଇଭ କଭରେଜ୍‌ର ଆନନ୍ଦ ନେଇପାରିବେ। ଯାହା ରିଏଲ୍ ଟାଇମ୍ ମ୍ୟାଚ୍ ବିଶ୍ଳେଷଣ ଏବଂ ପରିସଂଖ୍ୟାନ ପ୍ରଦାନ କରିବ। ନୂତନ ଭାବେ ନିର୍ମିତ ଟର୍ଫ ୱିକେଟରେ ସମସ୍ତ ମ୍ୟାଚ୍ ଖେଳାଯିବ ବୋଲି ଆଥ୍‌ଲେଟିକ୍ ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ ସୂଚନା ଦେଇଛନ୍ତି।

# ବିଳମ୍ବରେ ଶିକ୍ଷକ ଆସୁଥିବାରୁ ସ୍କୁଲରେ ତାଲା

ସାବରଙ୍ଗ,୬।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ କେରସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବିଳମ୍ବରେ ଆସୁଥିବାରୁ ଗ୍ରାମବାସୀ ଗୁରୁବାର ପୂର୍ବାହ୍ନ ୧୦ଟା ୫୦ରେ ସ୍କୁଲରେ ତାଲା ପକାଇ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତ୍ୟେକ ଦିନ ବିଦ୍ୟାଳୟକୁ ବିଳମ୍ବରେ ଆସୁଥିବା ଅଭିଯୋଗ ହେଉଥିଲା। ଗୁରୁବାର ଗ୍ରାମବାସୀ ବିଦ୍ୟାଳୟ ଫାଟକ ନିକଟରେ ଜଗି ରହି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ। ପୂର୍ବାହ୍ନ ୧୦ଟା ୫୦ ସୁଦ୍ଧା କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ନ ଆସିବାରୁ ସେମାନେ ସ୍କୁଲ ଫାଟକରେ ତାଲା ପକାଇଥିଲେ। ୧୦ଟା ୫୫ରେ ଜଣେ ଶିକ୍ଷୟିତ୍ରୀ ପହଞ୍ଚିବା ପରେ କାହିଁକି ପ୍ରତ୍ୟେକ ଦିନ ବିଳମ୍ବରେ ଆସୁଛନ୍ତି ବୋଲି ଗ୍ରାମବାସୀ ତାଙ୍କୁ ପ୍ରଶ୍ନ କରିଥିଲେ। ଏହାପରେ ଅନ୍ୟ ଶିକ୍ଷକମାନେ ପହଞ୍ଚି ଆଉ ଏପରି ଭୁଲ୍ ହେବନାହିଁ ବୋଲି କହିଥିଲେ। ଏହାପରେ ଗ୍ରାମବାସୀ ତାଲା ଖୋଲିଥିଲେ। ଏନେଇ ସିଆର୍‌ସିସି ଅଶୋକ ନାୟକ କହିଛନ୍ତି, ସେ ଏ ବାବଦରେ ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇଛନ୍ତି। ସେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଛନ୍ତି। ଭବିଷ୍ୟତରେ ଏପରି ଭୁଲ୍ ହେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# 'ଛାତ୍ରୀଛାତ୍ର ଭଲ ମଣିଷ ହେଲେ ସୁସ୍ଥ ସମାଜ ଗଠନ ହେବ'


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବାସୁଦେବପୁର,୬।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର କୋଣାର୍କ ବରଫ କାରଖାନା ନିକଟସ୍ଥ ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ରାତି ୮ଟାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଭିମନ୍ୟୁ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହ ଭଲ ମଣିଷ ହେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପ୍ରଦୀପ୍ତ କୁମାର ମିଶ୍ର, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର ଓ ବିଇଓ ଜଗବନ୍ଧୁ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ବେହେରାଙ୍କ ଲିଖିତ ପୁସ୍ତକ 'ଭକ୍ତ ପ୍ରହ୍ଲାଦ', 'ମୁଠିଏ ଚାଉଳ ଗୋଟିଏ ଟଙ୍କା' ଓ 'ସତ୍ୟକାହାଣୀ ମାଳା' ଉନ୍ମୋଚିତ ହୋଇଥିଲା। ସେହିପରି ବିଦ୍ୟାଳୟର ମୁଖପତ୍ର 'ସୃଜନୀ' ଉନ୍ମୋଚନ କରାଯାଇଥିଲା। ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅଚ୍ୟୁତାନନ୍ଦ ପାଢ଼ୀ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷକ ଜଗବନ୍ଧୁ ନାୟକ ବିବରଣୀ ପାଠ ଓ ସମ୍ପାଦକ ଜଗବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କ୍ଷେତ୍ରବାସୀ ହାଇସ୍କୁଲର ବାର୍ଷିକୋତ୍ସବ

ଭଦ୍ରକ,୬।୨(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ କଲେଇ ପଞ୍ଚାୟତର ଚୁନିଦା କ୍ଷେତ୍ରବାସୀ ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭୀମ ଚରଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରପଞ୍ଚ ନିରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର କଠିନ ପରିଶ୍ରମ କରିବା ସହ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚୁଡାକୁଟି ଇନ୍ଦ୍ରଗୋବିନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ଯେନା, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଗୌରିଗୋପାଳ ଜେନା, ପୁରାତନ ଛାତ୍ରସଂସଦ ସଭାପତି ନିତ୍ୟାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁକାନ୍ତି ବେହେରା, ଉପସଭାପତି ଜୟନ୍ତ କୁମାର ମହାକୁଳ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଡଲି ସାହୁ ଓ ଶିକ୍ଷକ ସୁଧାଂଶୁ ଶେଖର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ କବିତା ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ପ୍ରଜ୍ଞା ପରମିତା ମହାପାତ୍ର ବେଦ ମନ୍ତ୍ର ପାଠ କରିଥିଲେ। ସ୍ମିତାରଣୀ ବେହେରା, ତାରିଣୀ ପ୍ରସାଦ ଦାସ, ନିଶିକାନ୍ତ ଦାସ, ବିଜୟାନନ୍ଦ ଯେନା, ଦୀପାରାଣୀ ଗିରି, ବିଭୁସ୍ମିତା ବାରିକ, ପ୍ରବାସିନୀ ପଣ୍ଡା, ସୁଶ୍ରୀ ସଂଗୀତା ରାଉତ, ମାଝାରୁଲ ଇସଲାମ ଖାନ, ବାଦଲ କୁମାର ଦାସ, ତୁଷାରକାନ୍ତ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ଗୁରୁମା' ଗୁରୁଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଧାମନଗର,୬।୨ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଚୁଡ଼ାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିଆର୍‌ସିସି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟବକ୍ତା ସଂଗ୍ରାମ ଆଚାର୍ଯ୍ୟ ଏବଂ ଅନ୍ୟତମ ଅତିଥି ଭାବେ ଏବିଇଓ ସତ୍ୟସୁନ୍ଦର ପରିଡ଼ା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ଶିକ୍ଷା ବିକାଶ ପରିଷଦର ଉତ୍ତର ଓଡ଼ିଶା ସଂଯୋଜକ ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ ବୈଷୟିକ ଯୁଗରେ ସମାଜରେ ସଂସ୍କାର ଆଣିବାରେ ଶିଶୁମନ୍ଦିରର ଗୁରୁମା' ଗୁରୁଜୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ବିଦ୍ୟାଳୟର ସଭାପତି ଜୟନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଆଚାର୍ଯ୍ୟ ବିବେକାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମାମିନାରାଣୀ ପାଲ, ଗୋପିକାରାଣୀ ଦେ, ପ୍ରମିଳା ବେହେରା, ପ୍ରୀତିଚିନ୍ତା ମହାପାତ୍ର, ପ୍ରିୟଙ୍କା ସାହୁ, ଜୟଶ୍ରୀ ବେହେରା, ସରିତା ନାୟକ ପ୍ରମୁଖ ଗୁରୁମା' ଗୁରୁଜୀ ସହଯୋଗ କରିଥିଲେ। ଗୁରୁଜୀ ସଞ୍ଜୟ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ସିଡିପିଓଙ୍କୁ 'ଉଜ୍ଜ୍ୱଳ ଶିକ୍ଷାଜ୍ୟୋତି' ସମ୍ମାନ

ତିହିଡ଼ି, ୬।୨ (ସଞ୍ଜିତ ବଳ)

ତିହିଡ଼ିର ଅବସରପ୍ରାପ୍ତ ସିଡିପିଓ ସଙ୍ଗୀତା ସିଂହଙ୍କୁ 'ଉଜ୍ଜ୍ୱଳ ଶିକ୍ଷାଜ୍ୟୋତି' ସମ୍ମାନ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଙ୍ଗନୱାଡ଼ି କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଅପରାହ୍ନ ୩ଟାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ତାଙ୍କୁ ସମ୍ମାନିତ କରାଯାଇଛି। ସୁପରଭାଇଜର କରିସ୍ମା ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ସିଡିପିଓ ସବିତା ବେହେରା ଯୋଗଦେଇ ଅବସରପ୍ରାପ୍ତ ସିଡିପିଓ ସିଂହ ଜଣେ କର୍ତ୍ତବ୍ୟନିଷ୍ଠ ଓ କାର୍ଯ୍ୟଦକ୍ଷ ଅଧିକାରିଣୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁପରଭାଇଜର ରାଧାରାଣୀ ଦାସ, ଉର୍ବଶୀ ମହାନ୍ତି, ମୁକ୍ତା ଦାସ, କର୍ମଚାରୀ ସଂଘର ସଭାନେତ୍ରୀ ନମିତା ବସନ୍ତରାୟ, ସମ୍ପାଦିକା ସୁଜାତା ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୁପରଭାଇଜର କାଜଲ ନାୟକ, ନମିତା ସାହୁ, ସରୋଜିନୀ ମୁଦୁଲି, ପ୍ରମିଳା ବେହେରା, ପଦ୍ମା ମହାନ୍ତି, କୋକିଳା ସାହୁ, ଚାରୁଲତା ସାମଲ, କ୍ଷଣପ୍ରଭା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତିହିଡ଼ିରୁ ବଦଳି ହୋଇଥିବା ସୁପରଭାଇଜରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମୀ ରୁବିଲତା ଦାସ ମାନପତ୍ର ପାଠ କରିଥିଲେ। ବିଜୟଲକ୍ଷ୍ମୀ ସେନାପତି, ମୋନାଲିସା ରାୟ, ସଙ୍ଗୀତା ବଳ, ସୀମାଦ୍ରି ମଲିକ, ସବିତାଲତା ଦାସ, ବିଜୟା ପତି, ଜ୍ୟୋତିର୍ମୟୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅବସରପ୍ରାପ୍ତ ସିଡିପିଓ ସଙ୍ଗୀତା ସିଂହଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସରମରାରେ ଜମୁଛି ସରସ୍ୱତୀ ପୂଜା


ୟୁନାଇଟେଡ୍ କ୍ଲବ ପୂଜା ମଣ୍ଡପ।


ଜୟକିଷାନ କ୍ଲବ ପୂଜା ମଣ୍ଡପ।

ଭଦ୍ରକ,୬।୨(ସନାତନ ରାଉତ)

ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର ସରମରା ଗ୍ରାମରେ ଜମୁଛି ସରସ୍ୱତୀ ପୂଜା। ୪ ମଣ୍ଡପରେ ମା'ଙ୍କ ପୂଜା ଚାଲିଥିବାବେଳେ ଗାଁ ଉତ୍ସବମୁଖର ହୋଇଛି। ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୭ ଦିନ ଧରି ଚାଲିବ। ଗ୍ରାମର ଉତ୍ତର ଦିଗରେ ୟୁନାଇଟେଡ୍ କ୍ଲବ, ଦକ୍ଷିଣରେ ଜୟକିଷାନ କ୍ଲବ, ଗାଁ ମଝିରେ ସରସ୍ୱତୀ ୱିନର୍ସ ୟୁଥ୍ ଆସୋସିଏଶନ ଓ ଆସମିଶ କ୍ଲବ ପକ୍ଷରୁ ପୂଜା ଚାଲିଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ସାମାଜିକ ଓ ପୌରାଣିକ କଥାବସ୍ତୁକୁ ନେଇ ଆକର୍ଷଣୀୟ ବାଡ଼ୁଆଳି ଓ ସୁଉଚ୍ଚ ତୋରଣ, ରଙ୍ଗିନ ଆଲୋକମାଳାରେ ଝଲସୁଛି ଏହି ଗାଁ। ପ୍ରତ୍ୟେକ ସନ୍ଧ୍ୟାରେ ଭଦ୍ରକ ସମେତ ପଡ଼ୋଶୀ କେନ୍ଦୁଝର ଓ ବାଲେଶ୍ୱର ଜିଲାରୁ ବହୁ ଲୋକଙ୍କ ଭିଡ଼ ଜମୁଛି। ମିନାବଜାର, ଦୋଳି ସହ ମେଳାର ମଜା ନେଉଛନ୍ତି ଲୋକେ। ପ୍ରତ୍ୟେକ ସନ୍ଧ୍ୟାରେ ମେଲୋଡ଼ି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ତ ଥାନା ପକ୍ଷରୁ ପୋଲିସ ମୁତୟନ ସହ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୟୁନାଇଟେଡ୍ କ୍ଲବ ପକ୍ଷରୁ ଛବୀନ୍ଦ୍ର ବିଶ୍ୱାଳ, ରଙ୍ଗାଧର ନାୟକ, ପ୍ରିୟବ୍ରତ ରାଉତ, କୀର୍ତ୍ତି ଶଙ୍କର ମହାନ୍ତି, ରାଜେଶ ବିଶ୍ୱାଳ, ନରେଶ ଜେନା, ରାଜେଶ ଜେନା, ନିରଞ୍ଜନ ଜେନା ପ୍ରମୁଖ ଦାୟିତ୍ୱ ନେଇଥିବା ବେଳେ ଜୟକିଷାନ କ୍ଲବ ପକ୍ଷରୁ ନିତ୍ୟାନନ୍ଦ ସାମଲ, ଶରତ ବିଶ୍ୱାଳ, ଆସମିଶ କ୍ଲବ ପକ୍ଷରୁ ପ୍ରଶାନ୍ତ ଦାସ, ଚିନ୍ମୟ ଦାସ, ପ୍ରିୟବ୍ରତ ଦାସ, ସୁବ୍ରତ ଦାସ, ସରସ୍ୱତୀ କ୍ଲବ ପକ୍ଷରୁ ସୁଧାକର ବିଶ୍ୱାଳ, ଦୀପକ ବିଶ୍ୱାଳ ପ୍ରମୁଖ ପୂଜା ଦାୟିତ୍ୱ ନେଇଛନ୍ତି।

# ରାସ୍ତା ନିର୍ମାଣକୁ ନେଇ ଗଣ୍ଡଗୋଳ

ହାଟଡ଼ିହି,୬।୨(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଶାଳନିଆଁ ଗ୍ରାମରେ ଗୁରୁବାର ରାସ୍ତା ନିର୍ମାଣକୁ ନେଇ ଗଣ୍ଡଗୋଳ ଘଟିଛି। ପୋଲିସ ପୃଥକ ମାମଲା(ନଂ. ୨୯/୨୦୨୫ ଏବଂ ୩୦/୨୦୨୫) ରୁଜୁ କରି ତଦନ୍ତ କରୁଛି। ଗାୟତ୍ରୀ ଯେନାଙ୍କ ଅଭିଯୋଗ ଅନୁଯାୟୀ, ଖଜିରାଗଡ଼ିଆ ହରିଜନ ସାହି ରାସ୍ତା କଂକ୍ରିଟ କରିବାକୁ ଜିଲା ପରିଷଦ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଦେବବ୍ରତ ବେହେରା କାର୍ଯ୍ୟ କରୁଥିଲେ। ସାହିର ଅଭିମନ୍ୟୁ ଯେନା ଏବଂ ଗୁହାଳସାହିର ମାନସ ବେହେରା ବାଧା ସୃଷ୍ଟି କରିଥିଲେ। ଫଳରେ ସାହି ଲୋକଙ୍କ ସହ ମାନସ ଏବଂ ଅଭିମନ୍ୟୁଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଅଭିମନ୍ୟୁ ଏବଂ ଗାୟିତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

# ସ୍କୁଲ୍ ଗେଟ୍‌ରେ ତାଲା ପକାଇଲେ ଛାତ୍ରୀଛାତ୍ର

- ଶିକ୍ଷକ ନିଯୁକ୍ତି ଦାବି
- ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟ ଭିତରକୁ ଛାଡ଼ିଲେନି

ପାଟଣା,୬।୨(ବୀର କିଶୋର ଦାଶ)

କନ୍ଦୁଝର ଜିଲା ସାହରପଡ଼ା ବ୍ଲକ୍ କୁଣ୍ଡଳା ପଞ୍ଚାୟତ ମୁଖ୍ୟାଳୟ ଏମ୍‌କେ(ମିରିଖୋଜୀ କୁଣ୍ଡଳାଉଚ୍ଚ ବିଦ୍ୟାଳୟ) ହାଇସ୍କୁଲରେ ଶିକ୍ଷକ ଅଭାବକୁ ନେଇ ଗୁରୁବାର ଛାତ୍ରୀଛାତ୍ର ଗେଟ୍‌ରେ ତାଲା ପକାଇ ଧାରଣା ଦେଇଛନ୍ତି। ପ୍ରଧାନ ଶିକ୍ଷକ ନିୟମିତ ସ୍କୁଲ ଆସୁ ନ ଥିବାରୁ ଛାତ୍ରୀଛାତ୍ର ତାଙ୍କୁ ମଧ୍ୟ ବିଦ୍ୟାଳୟ ମଧ୍ୟରେ ଛାଡ଼ି ନ ଥିଲେ।

ଅଭିଯୋଗ ମୁତାବକ, ସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ୬୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏକ ବର୍ଷ ହେବ ପ୍ରଧାନ ଶିକ୍ଷକ ତାରାଚାନ୍ଦ ମାହାନ୍ତ ସ୍କୁଲ ନ ଆସି ପଛରେ ମାସକର ରେଜିଷ୍ଟରରେ ଦସ୍ତଖତ କରି ଦରମା ନେଇଛନ୍ତି। ମଧ୍ୟାହ୍ନ ଭୋଜନରେ ପାଣିଆ ଡାଲି କେବଳ ଅମୃତ ଭଣ୍ଡା ପକାଇ ଦେଉଛନ୍ତି। ନିୟମିତ ଅଣ୍ଡା ଦେଉନାହାନ୍ତି। ୮ ଶିକ୍ଷକଙ୍କ ସ୍ଥାନରେ କେବଳ ୨ଜଣ ବିଜ୍ଞାନ ଶିକ୍ଷକ ସ୍କୁଲରେ ଅଛନ୍ତି। ପିଲାମାନେ ଷ୍ଟାଇପେଣ୍ଟ ପାଉ ନ ଥିବା କହିଛନ୍ତି। ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ ସହ ସମସ୍ତ ଖାଲିଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ଧାରଣାରେ ବସିଥିଲେ। ଦିନ ୧୨ଟାରେ ପ୍ରଧାନଶିକ୍ଷକ ସ୍କୁଲରେ ପହଞ୍ଚିଥିଲେ ହେଁ ତାଙ୍କୁ ଛାତ୍ରୀଛାତ୍ର ସ୍କୁଲକୁ ପୁରାଇ ଦେଇ ନ ଥିଲେ। ପ୍ରଧାନ ଶିକ୍ଷକଙ୍କୁ ଏ ନେଇ ପଚାରିବାରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ନିୟମିତ ସ୍କୁଲକୁ ଆସି ପାରୁନାହାନ୍ତି। ଏ ନେଇ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ସେ ନୂଆ ଆସିଛନ୍ତି, ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଦିନ ୨ଟାରେ ଶିକ୍ଷକ ନିଯୁକ୍ତି ଓ ପ୍ରଧାନ ଶିକ୍ଷକ ସ୍କୁଲକୁ ନିୟମିତ ଆସିବାର ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଉଠିଥିଲେ।


ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରତ ଛାତ୍ରୀଛାତ୍ର।

# ସରସ୍ୱତୀ ଭସାଣିକୁ ନେଇ ଉତ୍ତେଜନା

ଆନନ୍ଦପୁର,୬।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବଞ୍ଚୋ ଗ୍ରାମରେ ସରସ୍ୱତୀ ଭସାଣିକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସ ନଜର ରଖିଛି। ସୂଚନାଯୋଗ୍ୟ, ବୁଧବାର ୪ ଗୋଟି ଭସାଣି ଉତ୍ସବ ରହିଥିଲା। ପୋଲିସ ରାତି ୯ଟାରେ ଡିଜେ ଅନୁମତି ପତ୍ର ମାଗିଥିଲା। ଅନୁମତି ପତ୍ର ନ ଥିବାରୁ ୪୦ ହଜାର ଲେଖାଏ ଜରିମାନା କରାଯିବାରୁ ସମସ୍ତ ଡିଜେ ଅଧାରୁ ଛାଡ଼ି ପଳାଇଥିଲେ। ଘଟଣାକୁ ନେଇ ଆୟୋଜକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରେ ସନ୍ଦେହ କରି ଆକ୍ଷେପ କରିବାରୁ ମାରପିଟ୍ ହୋଇଥିଲା। ଆନନ୍ଦପୁର ପୋଲିସ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛି। ଏପରିକି ଭସାଣି ଉତ୍ସବକୁ ନିରାଡମ୍ବରେ କରିବାକୁ ପୋଲିସ ତାଗିଦା ମଧ୍ୟ କରିଛି। ଘଟଣାକୁ ନେଇ ପୂର୍ବରୁ ପୋଲିସ ପ୍ରଶାସନ ନିକଟରୁ ଭସାଣି ଉତ୍ସବ ପାଇଁ ଆଗୁଆ ଅନୁମତି ପତ୍ର ହାସଲ କରିଥିବା ଗୋଷ୍ଠୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଗ୍ରାମର ଗୋଟିଏ ଗୋଷ୍ଠୀ ପରବର୍ତ୍ତୀ ଭସାଣିରେ ଡିଜେକୁ ବିରୋଧ କରିବେ ବୋଲି ଖୋଲା ଚ୍ୟାଲେଞ୍ଜ ଦେଇଥିବା ଚର୍ଚ୍ଚାକୁ ଆସିଛି। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପୋଲିସ ସଜାଗ ରହିଛି। ଘଟଣା ଉପରେ ତୀକ୍ଷଣ ନଜର ରଖାଯାଇଥିବା ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି।

# କ୍ଲଷ୍ଟରସ୍ତରୀୟ ନିପୁଣମେଳା

କେନ୍ଦୁଝର,୬।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବୋଦାପଳସା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ମେଳା ୨୦୨୪ ବୋଦାପଳସା ପଞ୍ଚାୟତ ଅଧୀନସ୍ଥ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ଚନ୍ଦ୍ର ନାୟକ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଅକ୍ଷୟ ଚନ୍ଦ୍ର ଦାସ ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ରହି ନିପୁଣ ଓଡ଼ିଶାର ଲକ୍ଷ୍ୟ ଉଦ୍ଦେଶ୍ୟ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଜଣାଇବା ସହ ଶିଶୁଙ୍କୁ ଉତ୍ସାହିତ କରିଥିଲେ। ସୋମବାର ପୂର୍ବାହ୍ନ ୧୦ଟାରେ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଜଗନ୍ନାଥ ସିଂହ ଓ ଜିଲା ଶିକ୍ଷା ଶିକ୍ଷକ ଅନୁଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଗଳ୍ପ ମାଧ୍ୟମରେ ଶିଶୁଙ୍କଠାରେ ଏକାଗ୍ରତା ଓ ନିଷ୍ଠା ରହିବା ନିହାତି ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମାତାପିତାଙ୍କ ଶିଶୁ ପ୍ରତି ଥିବା ଭୂମିକା ବିଷୟରେ ପ୍ରକାଶ କରିବା ସହ ଶିଶୁଙ୍କୁ ନିୟମିତ ବିଦ୍ୟାଳୟକୁ ଆସିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଶିଶୁଙ୍କୁ ପାଠ୍ୟ ଉପକରଣ ମାନ ବିତରଣ କରାଯାଇଥିଲା। ନେଲୁଙ୍ଗ ଓ ବୋଦାପଳସା ପଞ୍ଚାୟତ ଅଧୀନସ୍ଥ ୧୩ଟି ବିଦ୍ୟାଳୟରୁ ମୋଟ ୧୭୫ ଶିଶୁ, ୩୫ ଏଫ୍‌ଏଲଏନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶତାଧିକ ଅଭିଭାବକ ଉପସ୍ଥିତ ରହି ମେଳାକୁ ସଫଳ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାମ୍ବର ମହାନ୍ତ ସଭା ପରିଚାଳନା କରିଥିଲେ। ମେଳାରେ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ତଥା ସୃଜନଶୀଳର ମୋଟ ୧୭ ଷ୍ଟଲରେ ଶିଶୁମାନେ ନିଜର ପ୍ରୋଜେକ୍ଟ ସ୍ଥାନିତ କରିଥିଲେ। ଶିକ୍ଷକ ତପନ ମିଶ୍ର, ପ୍ରଦୀପ ମିଶ୍ର, ଜଗବନ୍ଧୁ ଜେନା, ରାଜେନ୍ଦ୍ର ରାୟ, ଅର୍ଜୁନ ସିଂହ ଖୁଣ୍ଟିଆ, ସମୀର ଜେନା, ଅନନ୍ତ ମୁଣ୍ଡା, ଶୁଭଲକ୍ଷ୍ମୀ ପ୍ରଧାନ, ପ୍ରିୟଦର୍ଶିନୀ ମହାନ୍ତ, ଅନ୍ନପୂର୍ଣ୍ଣା ମହାନ୍ତି, ପ୍ରଜ୍ଞା ବାରିକ, କସ୍ତୁରିବଳ ମହାନ୍ତ, ଶୁଭଶ୍ରୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ସୌଭାଗ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏମ୍‌ଡିସି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଓଏମ୍‌ଡି କମ୍ପାନୀ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନରେ ସାମିଲ କର୍ମଚାରୀ।

**୬ ମାସ ହେଲା ଦରମା ମିଳିନି**

ବଡବିଲ,୬।୨(ଦେବପ୍ରିୟ ରଣା)
କେନ୍ଦୁଝର ଜିଲା ବଡବିଲ ଠାକୁରାଣୀସ୍ଥିତ ଓଏମ୍‌ଡିସି (ଓଡ଼ିଶା ମିନେରାଲ ଡେଭଲପମେଣ୍ଟ କମ୍ପାନୀ ଲିମିଟେଡ)ର ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀ ଗତ ୬ ମାସ ଧରି ଦରମା ମିଳି ନ ଥିବାରୁ ଗୁରୁବାରଠାରୁ ଆନ୍ଦୋଳନରେ ବସିଛନ୍ତି। କମ୍ପାନୀରେ କାର୍ଯ୍ୟରତ ୪ଟି ୟୁନିୟନର ନେତୃତ୍ୱରେ ଆନ୍ଦୋଳନ ହୋଇଛି।

ସୂଚନା ଅନୁଯାୟୀ, ଓଏମ୍‌ଡିସି କମ୍ପାନୀରେ କାର୍ଯ୍ୟରତ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀଙ୍କୁ ଗତ ଅଗଷ୍ଟରୁ ଦରମା ମିଳିନାହିଁ। କର୍ମଚାରୀମାନେ ବାରମ୍ବାର କମ୍ପାନୀ ଅଧିକାରୀଙ୍କୁ ପତ୍ରାଳାପ କରି କୌଣସି ଫଳ ପାଇ ନ ଥିଲେ। ରାଉରକେଲାସ୍ଥିତ ଆରଏଲସି(ରିଜିଓନାଲ ଲେବର କମିଶନର(ସେଣ୍ଟ୍ରାଲ) କମ୍ପାନୀ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ମଧ୍ୟରେ ବୁଝାମଣା କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡ଼ିଛି। ସିଆଇଟିୟୁ ଅନୁବନ୍ଧିତ କେନ୍ଦୁଝର ୱାର୍କର୍ସ ୟୁନିୟନର ନେତା ଇନ୍ଦ୍ରମଣି ବେହେରା, ଆଇଏନ୍‌ଟିୟୁସି ଅନୁବନ୍ଧିତ ବଡବିଲ ମଜଦୁର ସଂଘର ନେତା ମୁନ୍ନା ଖାନ, ଓଏମ୍‌ଡିସି କର୍ମଚାରୀ ସଂଘ ନେତା ଦେବକାନ୍ତ ରଥ ଓ ବିଏମ୍‌ଏସ୍ ଅନୁବନ୍ଧିତ ଓଏମ୍‌ଡିସି କର୍ମଚାରୀ ସଂଘର ନେତା ମନୋଜ ବିଶ୍ୱାଳ ଆନ୍ଦୋଳନର ନେତୃତ୍ୱ ନେଇଥିବା ଜଣାପଡ଼ିଛି। ଇନ୍ଦ୍ରମଣି ବେହେରା କହିଛନ୍ତି, କମ୍ପାନୀର ରେଗୁଲାର ଅଧିକାରୀ ଓ କର୍ମଚାରୀ ୬ ମାସ ହେଲା ଦରମା ପାଇ ନ ଥିବାବେଳେ ଠିକା କର୍ମଚାରୀମାନେ ୪ ମାସ ହେଲା ଦରମା ପାଇନାହାନ୍ତି। କମ୍ପାନୀ ଡିଜିଏମ ପର୍ସନାଲ ସ୍ୱାମୀ ପ୍ରସାଦ ପାଣ୍ଡେ, ମ୍ୟାନେଜର ପର୍ସନାଲ କହିଛନ୍ତି, କମ୍ପାନୀ ବରିଷ୍ଠ ଅଧିକାରୀଙ୍କୁ ଖୁବ୍‌ଶୀଘ୍ର ଦରମା ରିଲିଜ କରିବା ନିମନ୍ତେ ଅବଗତ କରାଯାଇଛି। ଦରମା ରିଲିଜ ହେଲେ କେବଳ କର୍ମଚାରୀ ନୁହନ୍ତି, ତାଙ୍କ ସହ ଆମେ ମଧ୍ୟ ଦରମା ପାଇବା। ତେଣୁ କର୍ମଚାରୀଙ୍କ ସହ ଆମେ ଏକମତ।

# ପରିବେଶ ଅନୁକୂଳ ଏୟାର ପ୍ୟୁରିଫାଏର ତିଆରି କରି ଚର୍ଚ୍ଚାରେ ସ୍ୱାଗତ



ସ୍ୱାଗତ ଓ ସହଯୋଗୀମାନେ।

କେନ୍ଦୁଝର,୬।୨(ଦୀପକ ମିଶ୍ର): ରାଜ୍ୟ ପ୍ରାଣୀ ବିଜ୍ଞାନ ପ୍ରତିଷ୍ଠାନ ଅଧୀନରେ ଗତ ୩ ତାରିଖରେ ସର୍ବଭାରତୀୟସ୍ତରରେ ପରିବେଶ ଅନୁକୂଳ ଉତ୍ପାଦ ନିର୍ମାଣ ପ୍ରତିଯୋଗିତା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। ଦେଶର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନଗୁଡ଼ିକରୁ ୫୧ ପ୍ରତିଯୋଗୀ ଦଳ ଭାଗ ନେଇଥିଲେ। ରାଉରକେଲା ନିଟ୍‌ରେ ମେଡ଼ିକାଲ ସାଇନ୍ସର ଦ୍ୱିତୀୟ ବର୍ଷ ଛାତ୍ର ସ୍ୱାଗତ, ମେଧାକେଶରୀ, ଶ୍ରୀଜୟୀ ସେନ ଶର୍ମା ଓ ଅବଦେଶ ମିଶ୍ର ପରିବେଶ ଅନୁକୂଳ ଓ ପ୍ରଦୂଷଣ ମୁକ୍ତ ଆଲଗି ଏୟାର ପ୍ୟୁରିଫାଏର ନିର୍ମାଣ କରି ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି। କେନ୍ଦୁଝର ଜିଲା କଂଗ୍ରେସ ନେତା ଆଲୋକ ମିଶ୍ରଙ୍କ ପୁଅ ସ୍ୱାଗତ ଓ ତାଙ୍କ ସହଯୋଗୀଙ୍କ ପ୍ରକଳ୍ପ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତିଯୋଗୀଙ୍କୁ ଆହୁରି ଗବେଷଣା ପାଇଁ ରାଜ୍ୟ ପ୍ରାଣୀ ବିଜ୍ଞାନ ପ୍ରତିଷ୍ଠାନରେ ଲାବୋରେଟୋରିରେ ଅନୁମତି ଓ କୋଏମବାଟରର ଏକ କମ୍ପାନୀ ସହ ବୁଝାମଣା ପତ୍ର ସ୍ୱାକ୍ଷର ସମୟରେ ଆନୁସଙ୍ଗିକ ଖର୍ଚ୍ଚ ପ୍ରତିଷ୍ଠାନ ବହନ କରିବ ବୋଲି ଛାତ୍ର ସ୍ୱାଗତ କହିଛନ୍ତ। ତାଙ୍କ ଦଳର ନାମ ଆଲଗି ଏୟାର ଥିଲା। ଆଲଗି ଏକ ଗୁଳ୍ମ ଜାତୀୟ ଗଛକୁ ବୁଝାଏ। ଏଥିରୁ ଏହି ପ୍ୟୁରିଫାଏର ବାହାରିବ ଓ ଏହା ଏକ ବର୍ଷ ପରେ ପୁଣି ବାୟୁ ପୂରଣ କରି ହେବ। ଏହା ସମ୍ପୂର୍ଣ୍ଣ ପ୍ରଦୂଷଣ ମୁକ୍ତ ଓ ଆଗରୁ ବଜାରରେ ମିଳୁଥିବା ପ୍ୟୁରିଫାଏରଠାରୁ ସମ୍ପୂର୍ଣ୍ଣ ଅଲଗା ଓ ଶସ୍ତା ବୋଲି ସ୍ୱାଗତ କହିଛନ୍ତି।

## ମୟୂରଭଞ୍ଜ

# ଭିନ୍ନକ୍ଷମ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଉଦଳା, ୬।୨(ସନ୍ତୋଷ କୁମାର ବାଛିନୀ): କପ୍ତିପଦା ଭିନ୍ନକ୍ଷମ ମଞ୍ଚ ପକ୍ଷରୁ ଗୁରୁବାର ଉଦଳା ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ଜରିଆରେ ୫ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଶତାଧିକ ଦିବ୍ୟାଙ୍ଗ ମହିଳା ଏବଂ ପୁରୁଷ ଉଦଳା ବସ୍‌ଷ୍ଟାଣ୍ଡ ଛକରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ୩ ହଜାର ଟଙ୍କା ଭତ୍ତା, ବାସଗୃହ ସହ ଭୂମିହୀନମାନଙ୍କୁ ଚିହ୍ନଟ କରି ଜମିପଟା ବଣ୍ଟନ, ଉନ୍ନତମାନର ବ୍ୟବହାର ସାମଗ୍ରୀ ପ୍ରଦାନ ଆଦି ଦାବି ରହିଥିବା ଭିନ୍ନକ୍ଷମ ମଞ୍ଚର ସମ୍ପାଦକ ସଞ୍ଜୟ ସ୍ୱାଇଁ କହିଛନ୍ତି।

# ଗୁଣ୍ଡୁରିଆ ଶହୀଦ ଦିବସ

ରାଇରଙ୍ଗପୁର,୬।୨(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ହଳଦା ଥାନା ଅନ୍ତର୍ଗତ ଗୁଣ୍ଡୁରିଆରେ ଗୁରୁବାର ଗୁଣ୍ଡୁରିଆ ଶହୀଦ ମେମୋରିଆଲ କମିଟି ପକ୍ଷରୁ ଗୁଣ୍ଡୁରିଆ ଶହୀଦ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁଣ୍ଡୁରିଆ ଗ୍ରାମ ପାର୍ଶ୍ୱ ଶହୀଦ ସ୍ଥଳ ମଣ୍ଡପରେ ଶହୀଦଙ୍କ ପ୍ରତି ଆଦିବାସୀ ସମ୍ପ୍ରଦାୟ ପରମ୍ପରା ଅନୁଯାୟୀ ବିଭିନ୍ନ ପୂଜା କରାଯାଇଥିଲା। ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ଶ୍ୟାମ ଚରଣ ମାଝୀ ଏବଂ ଲକ୍ଷ୍ମଣ ମାଝୀ, ଜେଏମ୍‌ଏମ୍ ଦଳୀୟ ରାଜ୍ୟ ସଭାନେତ୍ରୀ ଅଞ୍ଜଳି ସୋରେନଙ୍କ ସମେତ ବିଭିନ୍ନ ରାଜ୍ୟ ନୈତିକ ସଂଗଠନ ନେତୃବୃନ୍ଦ ଏବଂ ଆଦିବାସୀ ସମ୍ପ୍ରଦାୟର ବିଶିଷ୍ଟ ବ୍ୟକ୍ତି ଗୁଣ୍ଡୁରିଆ ଶହୀଦ ସ୍ଥଳରେ ପହଞ୍ଚି ଶହୀଦ ଆଦିବାସୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୁଣ୍ଡୁରିଆ ଶହୀଦ ମେମୋରିଆଲ କମିଟିର ବିଭିନ୍ନ କର୍ମକର୍ତ୍ତା ଏବଂ ସଦସ୍ୟ ଗଣ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଏବଂ ହଳଦା ସମେତ ବିଭିନ୍ନ ପ୍ରାନ୍ତର ବହୁ ସଂଖ୍ୟକ ଜନ ସମାଗମ ଦେଖାଯାଇଥିଲା।

# ଆରମ୍ଭ ହେଲା ସାଂସ୍କୃତିକ ମହୋତ୍ସବ 'ଇଉଫୋରିଆ'

ବାରିପଦା,୬।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ-୨୦୨୫ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଉଦ୍‌ଘାଟିତ ହୋଇଯାଇଛି। ଯୁବ ପ୍ରତିଭାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବା ଲାଗି 'ଦି ଇଉଫୋରିଆ' ଅନୁଷ୍ଠାନ ପକ୍ଷରୁ ୨୬ବର୍ଷ ହେଲା ଏହି ପ୍ରଚେଷ୍ଟା ଜାରି ରହିଛି। ଅଧ୍ୟକ୍ଷ ଅସିତ କୁମାର ଗିରି ପୌରୋହିତ୍ୟ କରିଥିବା ବେଳେ ବରିଷ୍ଠ ଉପଦେଷ୍ଟା ବିଭୁ ପ୍ରସାଦ ଦାସ, ଶାନ୍ତନୁ କୁମାର ସିଂହ, ସୁତନୁ ରୂପ, ଅଭିଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ୨୨ ଶିକ୍ଷାନୁଷ୍ଠାନରୁ ୨୩୭ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିବା ସମ୍ପାଦକ ସତ୍ୟ ସ୍ୱରୂପ ଦାଶ କହିଛନ୍ତି। ୪ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ୧୭ଟି ଏକକ ଓ ୭ଟି ଦଳଗତ ପ୍ରତିଯୋଗିତା ସହ ମିଷ୍ଟର ଓ ମିସ୍ ଇଉଫୋରିଆ ପ୍ରତିଯୋଗିତା ହେବାକୁ ସ୍ଥିର ହୋଇଛି ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ କୁମାର ବେହେରା ଜଣାଇଛନ୍ତି। ଉପସଭାପତି ଅଂକୁର ଖୁରାନା ସଭା ପରିଚାଳନା କରିଥିଲେ। ସଭାପତି ତାପସ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଚାଲିଛି। ଶିବ ନାରାୟଣ ମିଶ୍ର, ମହେଶ ସାହୁ, ଜୟସ ପାତ୍ର, ଧନଞ୍ଜୟ ସାହୁ, ଲିଜାରାଣୀ ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।


ମହୋତ୍ସବର ଉଦ୍‌ଘାଟନୀ ଦିବସରେ ଉପସ୍ଥିତ ଅନୁଷ୍ଠାନ କର୍ମକର୍ତ୍ତା ଓ ଅନ୍ୟମାନେ।

# କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେତନଟୀ,୬।୨(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ତମ ବାର୍ଷିକଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଓଡ଼ିଶା ସରକାରଙ୍କର ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆନୁଷ୍ଠାନିକ ଭାବେ ଯୋଗଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଓଡିଶା ଉଚ୍ଚମାଧ୍ୟମିକ ଶିକ୍ଷାପରିଷଦର ଉତ୍ତରଓଡିଶା ଜୋନ୍‌ର ଡେପୁଟି ସେକ୍ରେଟାରୀ ଡ. ଜୟଦେବ ପ୍ରମାଣିକ, ସମ୍ମାନିତ ଅତିଥିଭାବରେ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶିକ୍ଷାବିତ ଯୋଗେନ୍ଦ୍ରନାଥ ମହାନ୍ତ ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ । ଅଧ୍ୟାପକ ଶେଖାଓତ ଅଲ୍ଲୀଙ୍କ ମଞ୍ଚପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଭୂପାଳଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ବାପା,ମା' ହିଁ ଜୀବନର ପ୍ରଥମଗୁରୁ, ବାପା, ମା'ଙ୍କୁ ସେବା ଏବଂ ଭକ୍ତି କରିବା ସହିତ ତାଙ୍କ ମାର୍ଗଦର୍ଶନରେ ବାଟ ଚାଲିବାକୁ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଶ୍ରୀଯୁକ୍ତମହାପାତ୍ର ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତି ତଥା ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଶ୍ରୀକାନ୍ତ ଦାସ, ଭରତଚନ୍ଦ୍ର ସି, ଅଭୟ ସେନାପତି, ସଞ୍ଜିତ କୁମାର ଦାସ, ଅଜିତ ବେହେରା, ଗଜେନ୍ଦ୍ରପ୍ରସାଦ ବେହେରା, ତପତି ତପସ୍ୱିନୀ ଆଚାର୍ଯ୍ୟ, ମନମୋହନ ମହାନ୍ତ ପ୍ରମୁଖ ସମସ୍ତ ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ। ଅଧ୍ୟାପକ ଭୂବେନ୍ଦ୍ର କୁମାର ଦେ ସମସ୍ତେଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ମନ୍ତ୍ରୀ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ରାସଗୋବିନ୍ଦପୁରରେ ମନ୍ତ୍ରୀଙ୍କ ଜନଶୁଣାଣି

ମୋରଡ଼ା,୬।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ କନ୍‌ଫରେନ୍ସ ହଲରେ ମୋରଡ଼ା ବିଧାୟକ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବ୍ଲକ୍‌ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରୁ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୪୬୯ ଜଣ ଲୋକେ ଅଭିଯୋଗ ପାଇଁ ଆସିଥିଲେ। ସମସ୍ତ ଅଭିଯୋଗ ଶୁଣି ସେସବୁର ତୁରନ୍ତ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଜନ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଭୁତିଭୂଷଣ ନାଏକ, ଉପ ଜିଲାପାଳ ଦୟାସିନ୍ଧୁ ପରିଡ଼ା, ଅବସରପ୍ରାପ୍ତ ଉପ ଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ରାସ ଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାମଚନ୍ଦ୍ର ସୋରେନ, ସାଗର ପାଲୋ ପ୍ରମୁଖଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ। ଅଭିଯୋଗ ମଧ୍ୟରେ ପାନୀୟଜଳ ସମସ୍ୟା, ସରକାରୀ ଆବାସ ଯୋଜନା, ଭତ୍ତା, ରାସନ କାର୍ଡ, ଶିକ୍ଷା ଇତ୍ୟାଦି ମୁଖ୍ୟ ସମସ୍ୟା ଥିବାର ଜଣାପଡ଼ିଛି। ସେହିପରି ଦରଖୁଳି ଗ୍ରାମର ଗୋପାଳ ନାୟକଙ୍କ ସହିତ ପାଞ୍ଚ ଜଣ ଲୋକେ ମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲେ ଯେ, ଏକ ଘଟଣାରେ ଅଭିଯୋଗ ପାଇଁ ଥାନାକୁ ଯାଇ ଅଭିଯୋଗ କରିଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା କେହି ଗିରଫ ହୋଇ ନାହାନ୍ତି। ତେବେ ମନ୍ତ୍ରୀଙ୍କୁ ଜଣାଇବା ପରେ ମନ୍ତ୍ରୀ ମହାପାତ୍ର ତୁରନ୍ତ ଘଟଣାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଉକ୍ତ ବ୍ଲକର ମହୁଲିଆ ଗ୍ରାମର ପୂର୍ଣ୍ଣିମା ପାତ୍ରଙ୍କ ସ୍ୱାମୀ ଭରତ ଚନ୍ଦ୍ର ପାତ୍ରଙ୍କ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ତେବେ ମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଯୋଜନା କି ହାତୀ ଆକ୍ରମଣ ବାବଦରେ ଟଙ୍କା ପାଇନାହାନ୍ତି ବୋଲି ମନ୍ତ୍ରୀଙ୍କୁ ଅବଗତ କଲା ପରେ ମନ୍ତ୍ରୀ ତୁରନ୍ତ ତଦନ୍ତ କରି ଟଙ୍କା ଛାଡ଼ିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜନଶୁଣାଣି ଶିବିରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ପ୍ରଶାସନିକ ଅଧିକାରୀମାନେ।

# ଜୟ ମା' ବଡାମ ଏଫ୍‌ସି ଚାମ୍ପିୟନ

## ଦିଘି ନୂଆସାହିରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଗୋପବନ୍ଧୁ ନଗର,୬।୨(ଶାନ୍ତନୁ କୁମାର ମହୁଆଳ): ଗୋପବନ୍ଧୁନଗର ବ୍ଲକ୍ ଜୟପୁର ପଞ୍ଚାୟତ ଦିଘିନୂଆସାହିଠାରେ ଦୁଇ ଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ କାଲାମ ନିବାସ ଉଦଳାକୁ ୧-୦ ଗୋଲରେ ହରାଇ ଜୟ ମା' ବଡାମ ଏଫ୍‌ସି ଜୁଆଳିଆ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ଏସୋସିଏଶନର ସଭାପତି ପ୍ରଶାନ୍ତ କୁମାର ସିଂ, ସମ୍ପାଦକ ପଦ୍ମଲୋଚନ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ଖବରଦାତା ହିରେନ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ସରପଞ୍ଚ ମମତା ସିଂ, ପୂର୍ବତନ ସରପଞ୍ଚ ଭାସ୍କର ଚନ୍ଦ୍ର ସିଂ, ଯୁବ ନେତା ଯ୍ୟୋତି ରଞ୍ଜନ ରାଜ, ସଞ୍ଜୟ ବେହେରା, ୱାର୍ଡ଼ ସଭ୍ୟା ପବିତ୍ରା ଦେହୁରୀ, ସାମାଜିକ କର୍ମୀ ବାଇଧର ସିଂ, ପଣ୍ଡା ରାମ ସିଂ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୨୦ ହଜାର ଓ ରନର୍ସ ଅଫ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେମିଫାଇନାଲକୁ ଉନ୍ନିତ ୨ ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ରାମ ଚନ୍ଦ୍ର ସିଂ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ମାଣତ୍ରୀ ଶିବରାତ୍ରି ମେଳା ପଡ଼ିଆ ୨୧ ଲକ୍ଷ ୧୧ ହଜାରରେ ନିଲାମ

ବୈଶିଙ୍ଗା,୬।୨(ରତନ ଦାଶ)
ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମାଣତ୍ରୀ ମେଳା ପଡ଼ିଆର ନିଲାମ ପ୍ରକ୍ରିୟା ବୁଧବାର ଅପରାହ୍ନ ୩ଟାରେ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ରାକେଶ ପୁଥାଳ ସର୍ବାଧିକ ଡ଼ାକ ୨୧ ଲକ୍ଷ ୧୧ ହଜାର ଟଙ୍କାରେ ନିଲାମ ନେଇଥିବା ଜଣାପଡ଼ିଛି। ନିଲାମ ପ୍ରକ୍ରିୟା ପରିଚାଳନା ପାଇଁ ମନ୍ଦିର ପରିଚ୍ଛା ପ୍ରଦୀପ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନଜା ଦାସ, ସରପଞ୍ଚ ସାବିତ୍ରୀ ସିଂ, ଜିପିଇଓ ଅବିନାଶ ପଣ୍ଡା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୯ ଲକ୍ଷ ୭ ହଜାର ୨୦୦ ଟଙ୍କାରେ ମେଳା ପଡ଼ିଆର ନିଲାମ ହୋଇଥିଲା। ଆସନ୍ତା ୨୬ ତାରିଖ ମହାଶିବରାତ୍ରି ପାଳନ ହେବାକୁ ଥିବାବେଳେ ସେହିଦିନଠାରୁ ୧୦ ଦିନ ଧରି ମେଳା ଆୟୋଜିତ ହୋଇଥାଏ ଏବଂ ଲକ୍ଷାଧିକ ଜନସମାଗମ ଦେଖିବାକୁ ମିଳିଥାଏ। ଏକ ହଜାରରୁ ଅଧିକ ଛୋଟ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଲଗାଇବା ଆକଳନ କରାଯାଇଛି। ସେହିପରି ପ୍ରଚଳିତ ପରମ୍ପରା ଅନୁଯାୟୀ ଚଳିତବର୍ଷ ମଧ୍ୟ ଭୋର ୪ ଟା ସମୟରେ ପବିତ୍ର ମହାଦୀପ ଉଠିବାର କାର୍ଯ୍ୟକ୍ରମ ସହିତ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀଶ୍ରୀ ବାବା କଖାରୁଆ ବୈଦ୍ୟନାଥ ମହାଦେବ ମନ୍ଦିରର ପରିଚ୍ଛା ପ୍ରଦୀପ ପଣ୍ଡା ସୂଚନା ଦେଇଛନ୍ତି।

